# NATIONAL NEWS BULLETIN (ODIA)

## 13 April - 2025

## Evening Bulletin : 7.15 P.M.

*******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ହରିୟାଣା ଗସ୍ତରେ ଯାଇ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ
- ସମଗ୍ର ଦେଶରେ ଆସନ୍ତାକାଲି ପାଳନ କରାଯିବ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ
- ଭାରତର ସମବାୟ କ୍ଷେତ୍ରରେ ହୋଇଥିବା ରୂପାନ୍ତରଣକୁ ପ୍ରଶଂସା କଲେ କେନ୍ଦ୍ର ସମବାୟ ମନ୍ତ୍ରୀ
- ଆନ୍ଧ୍ରପ୍ରଦେଶ ବାଣ ବିସ୍ଫୋରଣ ଘଟଣାରେ ୬ ମୃତ, ୭ ଗୁରୁତର

ଏବଂ

- ଆଇପିଏଲ୍ କ୍ରିକେଟ ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ' ବିଜୟୀ

# ପିଏମ୍-ହରିଆଣା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ହରିଆଣା ଗସ୍ତରେ ଯାଇ ଆମ୍ବେଦକର ଜୟନ୍ତୀ ଅବସରରେ ପୂର୍ବାହ୍ନରେ  ହିସାରରୁ ଅଯୋଧ୍ୟାକୁ ବାଣିଜ୍ୟିକ ବିମାନ ଉଡ଼ାଣର ଶୁଭାରମ୍ଭ କରିବେ। ହିସାର ବିମାନ ବନ୍ଦରର ନୂତନ ଟର୍ମିନାଲ୍ କୋଠାର ମଧ୍ଯ ସେ ଶିଳାନ୍ୟାଶ କରିବେ ।  ସେଠାରେ ଏକ ସାଧାରଣ ସଭାକୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଏହା ପରେ ପ୍ରଧାନମନ୍ତ୍ରୀ ଯମୁନାନଗରରେ କେତେକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହ ଜନସମାବେଶରେ ଉଦ୍‌ବୋଧନ ଦେବେ । ଯମୁନାନଗରଠାରେ ଦୀନବନ୍ଧୁ ଛୋଟୁରାମ ତାପଜ ବିଦ୍ୟୁତ୍ କେନ୍ଦ୍ରର ୮୦୦ ମେଗାୱାଟ୍ ଆଧୁନିକ ତାପଜ ବିଦ୍ୟୁତ୍ ୟୁନିଟ୍‌ର ଶିଳାନ୍ୟାସ କରିବେ । ପ୍ରାୟ ୮ ହଜାର ୪୭୦ କୋଟି ଟଙ୍କା ବ୍ୟୟ ଅଟକଳରେ ୨୩୩ ଏକର ପରିମିତ ଅଞ୍ଚଳରେ ନିର୍ମିତ ଏହି ୟୁନିଟ୍ ହରିଆଣାର ଶକ୍ତି ଆତ୍ମନିର୍ଭରଶୀଳତାକୁ ଅଧିକ ତ୍ୱରାନ୍ୱିତ କରିବା ସହ ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିପାରିବ ।

ଯମୁନାନଗରର ମୁକରାବପୁରଠାରେ ପ୍ରଧାନମନ୍ତ୍ରୀ ଏକ  ବାୟୋଗ୍ୟାସ୍ ପ୍ଲାଣ୍ଟର ଶିଳାନ୍ୟାସ କରିବେ ।

ଭାରତମାଳା ପରିଯୋଜନା ଅଧୀନରେ ପ୍ରାୟ ୧ ହଜାର ୭୦ କୋଟି ଟଙ୍କା ବ୍ୟୟରେ ୧୪ ଦଶମିକ ୪ କିଲୋମିଟର ରେୱାରି ବାଇପାସ୍ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହାଦ୍ୱାରା ରେୱାରି ସହରରେ ଯାନବାହାନ ଚଳାଚଳ ସୁଗମ ହୋଇପାରିବ । ଦିଲ୍ଲୀ-ନା୍‌ରନୌଲ୍ ଯାତ୍ରା ସମୟ ମଧ୍ୟ ହ୍ରାସ ପାଇବା ସହ ଆଞ୍ଚଳିକ, ଅର୍ଥନୈତିକ ଏବଂ ସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ।

# ଆମ୍ବେଦକର ଜୟନ୍ତୀ

ଭାରତୀୟ ସମ୍ବିଧାନର ପ୍ରଣେତା ବାବାସାହେବ ଡକ୍ଟର ଭୀମରାଓ ରାମ୍‌ଜୀ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଆସନ୍ତାକାଲି ସମଗ୍ର ଦେଶରେ ପାଳନ କରାଯିବ । ଏହି ଅବସରରେ ନୂଆଦିଲ୍ଲୀର ସଂସଦଭବନ ପରିସରସ୍ଥିତ ପ୍ରେରଣାସ୍ଥଳଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ସାଂସଦ ଏବଂ ବିଶିଷ୍ଟ ବ୍ୟକ୍ତି ପୂର୍ବାହ୍ନରେ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବେ ।

ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ସର୍ବସାଧାରଣଙ୍କ ପାଇଁ ଜାରି ରହିବ । ଡକ୍ଟର ଆମ୍ବେଦକର ଜାତୀୟ ସ୍ମାରକୀକୁ ଯାତାୟତ ପାଇଁ ଆମ୍ବେଦକର ଫାଉଣ୍ଡେସନ ପକ୍ଷରୁ ଆସନ୍ତାକାଲି ସ୍ୱତନ୍ତ୍ର ବସ୍‌ର ଆୟୋଜନ କରାଯାଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡକ୍ଟର ବି.ଆର୍.ଆମ୍ବେଦକରଙ୍କ ଜୟନ୍ତୀରେ ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ବାବା ସାହେବ ତାଙ୍କ ପ୍ରେରଣାଦାୟୀ ଜୀବନରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସତ୍ତ୍ୱେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ନିଜର ଅସାଧାରଣ ସଫଳତା ଦ୍ୱାରା ସେ ସମଗ୍ର ବିଶ୍ୱରେ ସମ୍ମାନ ଅର୍ଜନ କରିପାରିଥିଲେ। ବାବାସାହେବଙ୍କୁ ଜଣେ ଦକ୍ଷତା ସମ୍ପନ୍ନ, ବହୁମୁଖୀ ବ୍ୟକ୍ତିତ୍ୱ ଭାବରେ ଅଭିହିତ କରି ରାଷ୍ଟ୍ରପତି କହିଥିଲେ, ସେ ଜଣେ ଅର୍ଥନୀତିଜ୍ଞ, ଶିକ୍ଷାବିତ, ଆଇନଜୀବୀ ଏବଂ ଜଣେ ମହାନ୍ ସମାଜ ସଂସ୍କାରକ ଥିଲେ। ଡକ୍ଟର ଆମ୍ବେଦକର’ ମହିଳା ଏବଂ ଅବହେଳିତ ବର୍ଗର ଅର୍ଥନୈତିକ ଏବଂ ସାମାଜିକ ଅଧିକାର ପାଇଁ ଆଜୀବନ ସଂଘର୍ଷ ଜାରି କରିଥିଲେ।

## ଏମ୍‌ପି- ଅମିତ ଶାହା ଭିଜିଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଅମଳରେ ସମବାୟ ମନ୍ତ୍ରଣାଳୟ ହେବାପରେ ଭାରତର ସମବାୟ

କ୍ଷେତ୍ରରେ ହୋଇଥିବା ରୂପାନ୍ତରଣକୁ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହା ଭୂୟଂସୀ ପ୍ରଶଂସା କରିଛନ୍ତି। ଭୋପାଲ ଠାରେ ଏକ ରାଜ୍ୟସ୍ତରୀୟ ସମବାୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ସରକାର' ଗ୍ରାମୀଣ ବିକାଶ, କୃଷି ଏବଂ ପଶୁପାଳନକୁ ଏକତ୍ରୀକରଣ କରି ପ୍ରଥମଥର ପାଇଁ ଭାରତ ଇତିହାସରେ ଏକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ସମବାୟ ନିୟମରେ ସମାନତା ଆଣିବା ଦିଗରେ କେନ୍ଦ୍ର ସରକାରଙ୍କ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ରାଜ୍ୟଗୁଡ଼ିକ ଏହି ମଡେଲ ନିୟମକୁ କାର୍ଯ୍ୟକାରୀ କରୁଛନ୍ତି। ସମବାୟ ବ୍ୟାଙ୍କଗୁଡ଼ିକ ସ୍ୱଳ୍ପକାଳୀନ କୃଷି ଅର୍ଥ ବ୍ୟବସ୍ଥାଠାରୁ ଅଧିକ ବ୍ୟାପକ କରିଛନ୍ତି। ଔଷଧ ବିକ୍ରି ଓ ଜଳ ବଣ୍ଟନ ସମେତ କୃଷି ଅର୍ଥ ବ୍ୟତୀତ ସେବା ପ୍ରଦାନ କରୁଥିବା ପ୍ୟାକ୍ସ ଏବେ ୨୦ରୁ ଅଧିକ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଶ୍ରୀ ଶାହା କହିଛନ୍ତି।

V/O

ବିହନ, ଜୈବିକ  ଓ ରପ୍ତାନୀ ସମବାୟ ସମିତି ଜରିଆରେ କୃଷକମାନେ ଉଚିତ ମୂଲ୍ୟ ପାଇବା ସହ ସେମାନଙ୍କର ବ୍ୟାଙ୍କ ଜମାଖାତାକୁ ସିଧାସଳଖ ଅର୍ଥ ପ୍ରଦାନ କରାଯାଉଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ପଦକ୍ଷେପ ସମ୍ପର୍କରେ ଶ୍ରୀ ଶାହା କହିଛନ୍ତି, ୨ ଦଶମିକ ୫ ଏକର ପରିମିତ କ୍ଷୁଦ୍ର ଚାଷୀମାନେ  ସେମାନଙ୍କର ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ସୁନିଶ୍ଚିତ

କରିବା ପାଇଁ ନୂତନ ଭାବେ ଆରମ୍ଭ ହୋଇଥିବା 'ବିହନ ସମବାୟ' ସହାୟତାରେ ବିହନ ଉତ୍ପାଦନ କରିବାକୁ ସକ୍ଷମ ହେବେ। ମଧ୍ୟପ୍ରଦେଶ ଦୁଗ୍ଧ ସଂଘ ଏବଂ ଜାତୀୟ ଦୁଗ୍ଧ ୟୁନିଅନ୍ ବୋର୍ଡ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିରେ ରାଜ୍ୟରେ ଦୁଗ୍ଧ ସମବାୟ ସମିତି ସଂଖ୍ୟା ୬ ହଜାରରୁ ୯ ହଜାରକୁ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ମଧ୍ୟପ୍ରଦେଶର ସମବାୟ ମନ୍ତ୍ରୀ ବିଶ୍ୱାସ ସାରଙ୍ଗ, ପଶୁପାଳନ ଓ ଦୁଗ୍ଧ ବିକାଶ ମନ୍ତ୍ରୀ ଲଖନ ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଆନ୍ଧ୍ରପ୍ରଦେଶ- ଫାୟାର

ଆନ୍ଧ୍ରପ୍ରଦେଶର ଅର୍କାପଲ୍ଲେ ଜିଲ୍ଲା ଅନ୍ତର୍ଗତ କୈଳାସପଟ୍ଟନମ୍ ଗ୍ରାମରେ ଏକ ବାଣ ତିଆରି କାରଖାନାରେ ବିସ୍ଫୋରଣ ଘଟି ୬ ଜଣ ଲୋକଙ୍କର ପ୍ରାଣହାନୀ ଘଟିଛି। ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣଙ୍କୁ ଡାକ୍ତରଖାନାକୁ ନିଆଯିବା ବେଳେ ମୃତ୍ୟୁ ଘଟିଛି। ବିସ୍ଫୋରଣ ଘଟଣାରେ ୭ ଜଣ ଗୁରୁତର ଆହତ ହୋଇ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରାଣ ହରାଇଥିବା ଶ୍ରମିକମାନେ ଆନ୍ଧ୍ରପ୍ରଦେଶର କାକିନାଡ଼ା ଜିଲ୍ଲା ଅନ୍ତର୍ଗତ ସମରଲୋକଟାର ବାସିନ୍ଦା ବୋଲି ଜଣାପଡ଼ିଛି। ଆଜି ଦିନ ପ୍ରାୟ ୧୨ଟା ୪୫ ମିନିଟ୍ ସମୟରେ

ବିସ୍ଫୋରଣ ଘଟିଥିଲା ବୋଲି ଅନାକାପଲି ଜିଲ୍ଲା ପୁଲିସର ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ଘଟଣା ସ୍ଥଳରେ ପ୍ରାୟ ୩୦ ଜଣ ଶ୍ରମିକ କାମ କରୁଥିଲେ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ତଦନ୍ତ ସହ ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ଦେବା ପାଇଁ ଶ୍ରୀ ନାଇଡୁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆର୍ଥକ୍ୱେକ୍- ମିଆଁମର

କେନ୍ଦ୍ରୀୟ ମିଆଁମାର ଅଞ୍ଚଳରେ ଆଜି ସକାଳେ ଭୂମିକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୫ ଦଶମିକ ୫ ରେକର୍ଡ କରାଯାଇଛି। ପାଣିପାଗ ବିଜ୍ଞାନ ବିଭାଗ ଏବଂ ଜଳ ବିଜ୍ଞାନ ବିଭାଗର ସୂଚନା ଅନୁଯାୟୀ ୨୦ କିଲୋମିଟର ଗଭୀରତା ବିଶିଷ୍ଟ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ମାଣ୍ଡେଲେ ଅଞ୍ଚଳର ଓ୍ୱଣ୍ଡଓ୍ୱିନ୍ ସହରଠାରୁ ପ୍ରାୟ ୧୪ ଦଶମିକ ୫ କିଲୋମିଟର ଉତ୍ତର ପୂର୍ବ ଦିଗରେ ଅବସ୍ଥିତ ଥିଲା। ଏହା ପୂର୍ବରୁ ଶୁକ୍ରବାର ଦିନ କେନ୍ଦ୍ରୀୟ ମିଆଁମାର ଅଞ୍ଚଳରେ ୫ ତୀବ୍ରତା  ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା।

ଥାଇ’ ପାଣିପାଗ ବିଭାଗର ଭୂକମ୍ପ ପର୍ଯ୍ୟବେକ୍ଷଣ ବିଭାଗର ରିପୋର୍ଟ ଅନୁଯାୟୀ ଗତ ମାସ ୨୮ ତାରିଖରେ ଦେଶରେ ହୋଇଥିବା ଶକ୍ତିଶାଳୀ ଭୂକମ୍ପର ତୀବ୍ରତା ୭ ଦଶମିକ ୭ ରେକର୍ଡ କରାଯାଇଥିଲା। ଏହା ନିକଟବର୍ତ୍ତୀ ଅଞ୍ଚଳରେ ୪୬୮ଟି ସାମାନ୍ୟ ଭୂକମ୍ପ ହୋଇଥିଲା। ଏହି ଭୂକମ୍ପରେ ୩ ହଜାର ୬୮୯ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ୫ ହଜାର ୨୦ ଜଣ ଆହତ ହୋଇଥିଲେ। ଘଟଣାରେ ୧୩୯ ଜଣ ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀ ପକ୍ଷରୁ ଆସନ୍ତାକାଲି ରାତି ସାଢ଼େ ୯ଟାରେ ଦ୍ୱିଭାଷିକ ଲାଇଭ୍ ଫୋନ୍-ଇନ୍ କାର୍ଯ୍ୟକ୍ରମ ‘ପବ୍ଲିକ୍ ସ୍ପିକ୍’ରେ ‘ଗ୍ରୀଷ୍ମ ପ୍ରବାହ ସମୟରେ ସୁରକ୍ଷିତ ରହିବା’ ଶୀର୍ଷକ ଆଲୋଚନା ହେବ। ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ଡକ୍ଟର ଆର୍.କେ ଜେନାମଣି ଏବଂ ଲେଡି ହାର୍ଡିଂ ମେଡିକାଲ କଲେଜର ମେଡିସିନ୍ ବିଭାଗର ପ୍ରଫେସର ଡାକ୍ତର ଅନୁପମ ପ୍ରକାଶ ଏହି ଆଲୋଚନାରେ ଅଂଶଗ୍ରହଣ କରିବେ।

ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ଗ୍ରୀଷ୍ମ ପ୍ରବାହର କାରଣ ଓ ପ୍ରଭାବ ଏବଂ ସୁରକ୍ଷିତ ରହିବା ପାଇଁ ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ବିଶେଷଜ୍ଞମାନଙ୍କୁ ପ୍ରଶ୍ନ ପଚାରିବାର ସୁଯୋଗ ପାଇପାରିବେ।

କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଶ୍ରୋତାମାନେ ଆସନ୍ତାକାଲି ରାତି ସାଢ଼େ ୯ଟାରୁ ଟେଲିଫୋନ୍ ନମ୍ବର ୦୧୧- ୨୩୪-୨୧-୦୫୦ ଓ ୦୧୧-୨୩୩-୧୪୪୪ କୁ ପ୍ରଶ୍ନ ପଚାରିପାରିବେ।

ସେହିପରି ହ୍ୱାଟ୍ସଆପ୍ ମାଧ୍ୟମରେ ୯୨୮-୯୦୯-୪୦୪୪ ନମ୍ବରକୁ ପ୍ରଶ୍ନ ପଠାଇପାରିବେ କିମ୍ବା **askair** ହ୍ୟାସଟ୍ୟାଗ୍ ସହ ଏକ୍ସ ମାଧ୍ୟମରେ ପ୍ରଶ୍ନ ପୋଷ୍ଟ କରିପାରିବେ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଜୟପୁରର ସୱାଇ ମାନସିଂ ଷ୍ଟାଡିୟମ୍‌ଠାରେ ଆଜି ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ' ରାଜସ୍ଥାନ ରୟାଲ୍ସକୁ ୯ ୱିକେଟ୍‌ରେ ପରାସ୍ତ କରି ବିଜୟୀ ହୋଇଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ରାଜସ୍ଥାନ ରୟାଲ୍ସ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୭୩ ରନ୍ ସଂଗ୍ରହ କରିଥିଲା।

ଏହାର ଜବାବରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୭ ଓଭର ୩ଟି ବଲ୍‌ରେ ଗୋଟିଏ ୱିକେଟ୍ ବିନିମୟରେ ୧୭୫ ରନ୍ କରି ବିଜୟ ହାସଲ କରିଥିଲା। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଫିଲିପ୍ ସଲ୍ଟ

ସର୍ବାଧିକ ୬୫ ରନ୍ ସଂଗ୍ରହ କରିଥିବାବେଳେ ବିରାଟ କୋହଲି ୬୨ ରନ୍ ଏବଂ ଦେବଦତ୍ତ ପାଦିକଲ ୪୦ ରନ୍ କରି ଅପରାଜିତ ଥିଲେ।

ଆଉ କିଛି ସମୟପରେ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ଠାରେ ଦିଲ୍ଲୀ କ୍ୟାପିଟାଲ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ।